بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୨୩ ଅଗଷ୍ଟ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ଜର୍ମାନୀର ଚଳିତ ୨୦୨୪ମସିହାର ବାର୍ଷିକ ଧର୍ମ ସମ୍ମିଳନୀ ପରିପ୍ରେକ୍ଷୀରେ ଜଲ୍‌ସା ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ଓ ଅଭିପ୍ରାୟର ପୂର୍ଣ୍ଣ ତତ୍ତ୍ୱଜ୍ଞାନ ସମ୍ୱଳିତ ବର୍ଣ୍ଣନା ଏବଂ କିଛି ଦୁଆ ବିଶେଷ ଭାବରେ ଆବୃତ୍ତି କରିବାକୁ ପ୍ରିୟ ହୁଜୁର ଅନଓ୍ୱର [ଅ.ବ]ଙ୍କର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍‌ହମ୍‌ଦୁଲିଲ୍ଲାଃ ଆଜି ଜର୍ମାନୀର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେଉଅଛି । ଏହି ଅବସରରେ ଜର୍ମାନୀର ଜମାଅତ ମୋତେ ସେଠାରେ ସେମାନଙ୍କ ଗହଣରେ ଦେଖିବାର ଅଭିଳାଷୀ ଥିଲେ । କିନ୍ତୁ ମନୁଷ୍ୟ ସହିତ ପାର୍ଥିବ ଜୀବନର ଭୌତିକ ପ୍ରତିବନ୍ଧକ ମଧ୍ୟ ଲାଗି ରହିଛି, ସ୍ୱାସ୍ଥ୍ୟ ଜନିତ ସମସ୍ୟା ମଧ୍ୟ ତାହାର ଏକ ଅଂଶବିଶେଷ । ତେଣୁ ଡ଼ାକ୍ତରଙ୍କ ପରାମର୍ଶକ୍ରମେ ମୋତେ ଶେଷ ମୁହୂର୍ତ୍ତରେ ଜର୍ମାନୀ (ଦେଶ) ଯାତ୍ରା କରିବାକୁ ସ୍ଥଗିତ କରିବାକୁ ପଡ଼ିଲା ଏବଂ ଏହା ସ୍ଥିର କରାଗଲା ଯେ, ଏହିଠାରୁ ଜର୍ମାନୀ ଜଲ୍‌ସାର କାର୍ଯ୍ୟକ୍ରମରେ ଯୋଗ ଦେଇ ସେଠାରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧନ କରାଯାଉ । ଏହା ମଧ୍ୟ ଅଲ୍ଲାଃତାଲାଙ୍କ ପ୍ରଦତ୍ତ ଶକ୍ତି ଦ୍ୱାରା ସମ୍ପନ୍ନ ହେବ । ଦୁଆ କରିବେ ଏଥିନିମନ୍ତେ ଅଲ୍ଲାଃତାଲା ଶକ୍ତି ପ୍ରଦାନ କରନ୍ତୁ ।

ଏହା ମଧ୍ୟ ଅଲ୍ଲାଃତାଲାଙ୍କର ଅନୁକମ୍ପା । ଚଳିତ ଯୁଗର ଉଦ୍ଭାବନଗୁଡ଼ିକ ମଧ୍ୟରୁ ପରସ୍ପର ସହିତ ସମ୍ପର୍କ ସ୍ଥାପନ କରିବାର ଏକ ମାଧ୍ୟମ ଯାହାକି ସେ ଉପଲବ୍ଧ କରି ଦେଇଛନ୍ତି । ଅନେକ ଲୋକ ଯେ (ମୋ) ସହିତ ପ୍ରତ୍ୟକ୍ଷ ସାକ୍ଷାତ କରିବାର ଅଭିଳାଷୀ ଥିଲେ, ତାହାର ବ୍ୟବସ୍ଥା ଅଲ୍ଲାଃତାଲା ଆଉ କେତେବେଳେ କରିଦେବେ । ଇନ୍‌ଶାଅଲ୍ଲାଃ ।

ସମସ୍ତ ଡ଼ିଉଟି କରୁଥିବା କର୍ମୀମାନଙ୍କୁ ମୁଁ କହିବାକୁ ଚାହେଁ ଯେ, ଅତିଥିମାନଙ୍କ ସତ୍କାର କରିବାରେ ଯଥାସମ୍ଭବ ସେବା ମନୋଭାବ ରଖି କାର୍ଯ୍ୟ ସମ୍ପାଦନ କରନ୍ତୁ । ପ୍ରସନ୍ନଚିତ୍ତର ସହିତ ପ୍ରତ୍ୟେକ ବିଭାଗର କର୍ମୀମାନେ ହାସ୍ୟମୟ ଚେହେରାରେ ଅତିଥିମାନଙ୍କର ସତ୍କାର କରନ୍ତୁ ଏବଂ ଦୁଆ କରିବା ସହିତ (ନିଜ) କାର୍ଯ୍ୟ ସମ୍ପାଦନ କରନ୍ତୁ । ଏହି ଭାବନାର ସହିତ କାମ କରନ୍ତୁ ଯେ, ଆମକୁ ହଜରତ ମସିହ ମଉଦ [ଅ.ସ]ଙ୍କ ଡ଼ାକରା (ନିମନ୍ତ୍ରଣ)ରେ ଆସିଥିବା ଅତିଥିମାନଙ୍କର ସେବାସତ୍କାର କରିବାର ଅଛି । ଆଉ ଯେଉଁଭଳି ଅବସ୍ଥା ଉତ୍ପନ୍ନ ହେଉନା କାହିଁକି ଆମେ ନିଜ ଚାରିତ୍ରିକ ସ୍ତରକୁ ଉଚ୍ଚା ରଖି ସେବା କରିଚାଲିବାର ଅଛି । ଅତିଥିମାନେ ମଧ୍ୟ ଜଲ୍‌ସାର ଉଦ୍ଦେଶ୍ୟକୁ ସ୍ମରଣ ରଖନ୍ତୁ, ସମସ୍ତ ପ୍ରକାରର କଷ୍ଟ ସହ୍ୟ କରି ଏହି ତିନି ଦିନରେ ଜଲ୍‌ସା ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟକୁ ନିଜ ସମ୍ମୁଖରେ ରଖନ୍ତୁ ।

ସର୍ବଦା ସ୍ମରଣ ରଖିବେ ଯେ, ଆମମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ପୁରସ୍କାର ମଧ୍ୟରୁ ଏହା ଏକ ବହୁତ ବଡ଼ ପୁରସ୍କାର ଯାହାକି ସେ ହଜରତ ମସିହ ମଉଦ [ଅ.ସ]ଙ୍କ ସୂତ୍ର (ମାଧ୍ୟମ)ରେ ଆମମାନଙ୍କ ଉପରେ କରିଛନ୍ତି । ଆଉ ଆମେ ବର୍ଷକରେ ଥରେ (ଗୋଟିଏ ସ୍ଥାନରେ) ଏକତ୍ରିତ ହୋଇ ନିଜ ଚାରିତ୍ରିକ ଓ ଆଧ୍ୟାତ୍ମିକ ଉନ୍ନତିର ବ୍ୟବସ୍ଥା କରିପାରୁଛେ । ଏପରି କାର୍ଯ୍ୟକ୍ରମର ଆୟୋଜନ କରନ୍ତୁ ଯାହାକି ଆମମାନଙ୍କୁ ନିଜ ପାଳନକର୍ତ୍ତାର ନିକଟବର୍ତ୍ତୀ

ହେବା ଓ ଧର୍ମନିଷ୍ଠତାରେ ଉନ୍ନତି କରିବାରେ ସହାୟ ହେବ । ଏହି ଉଦ୍ଦେଶ୍ୟ ଓ ନିସ୍ପତ୍ (ଲକ୍ଷ) ରଖି ଉକ୍ତ ଦିନଗୁଡ଼ିକୁ ଅତିବାହିତ କରନ୍ତୁ ଯେ, ଆମମାନଙ୍କୁ ଉତ୍ତମ ଚରିତ୍ର ଓ ଅନ୍ୟମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାର ସର୍ବୋଚ୍ଚ ସ୍ତର ହାସଲ କରିବାର ଅଛି । ପାରସ୍ପରିକ ପ୍ରେମ, ଭଲପାଇବା ଓ ସମ୍ପର୍କକୁ ସୁଦୃଢ଼ କରିବାର ଅଛି । ପାରସ୍ପରିକ ମତଭେଦ ଓ ବିବାଦକୁ ଦୂର କରିବାର ଅଛି ତଥା ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବାକୁ ଚେଷ୍ଟା କରିବାର ଅଛି । ସମସ୍ତ ପ୍ରକାରର ଅସଭ୍ୟ ଓ ମନ୍ଦକର୍ମରୁ ନିଜକୁ ରକ୍ଷା କରିବା ହିଁ ସେହି ପ୍ରସଙ୍ଗ ଯାହାକି ହଜରତ ମସିହ ମଉଦ[ଅ.ସ] ଆମମାନଙ୍କ ଠାରୁ ଆଶା ବାନ୍ଧିଛନ୍ତି ଏବଂ ଏହାକୁ ହିଁ ଅଲ୍ଲାଃତାଲା ପସନ୍ଦ କରନ୍ତି । ଏଥିସକାଶେ ସେ ଆମକୁ ମାନବ ଓ ସର୍ବଶ୍ରେଷ୍ଠ ପ୍ରାଣୀ ରୂପେ ଗଢ଼ିଛନ୍ତି । ଜଲ୍‌ସାକୁ ଆସୁଥିବା ପ୍ରତ୍ୟେକ ଅହେମଦିମାନଙ୍କୁ ଏକଥା ନିଜ ସମ୍ମୁଖରେ ରଖିବା ଉଚିତ୍ ।

ଯଦି ଅଲ୍ଲାଃତାଲାଙ୍କ ପ୍ରେମରେ ଅଭିବୃଦ୍ଧି କରିବାର ଅଛି, ଉତ୍ତମ ଚରିତ୍ରର ପ୍ରଦର୍ଶନ କରିବାର ଅଛି, ଭକ୍ତମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାର ଅଛି ଏବଂ ଆମେ ଧର୍ମନିଷ୍ଠ ହେବାକୁ ଚେଷ୍ଟା କରୁ ନାହେଁ ତେବେ ଜଲ୍‌ସାରେ ଯୋଗ ଦେବାର ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମୁଁ କଦାପି ଚାହୁଁ ନାହିଁ ଯେ, ବର୍ତ୍ତମାନର ପିରଫକିରଙ୍କ ପରି କେବଳ (ନିଜର) ପ୍ରକାଶ୍ୟ ଗରିମା ପ୍ରଦର୍ଶନ କରିବା ସକାଶେ ନିଜ ଅନୁଚରମାନଙ୍କୁ ଏକତ୍ରିତ କରିବି । ବରଂ ସେହି ମୂଳ ଉଦ୍ଦେଶ୍ୟ ଯେଉଁଥିପାଇଁ ମୁଁ (ଏହି ଜଲ୍‌ସାର) ଆୟୋଜନ ଆରମ୍ଭ କରିଛି, ତାହା ମାନବ ଜାତିର ସଂସ୍କାର କରିବା ପାଇଁ ଉଦ୍ଦିଷ୍ଟ ।

ସୁତରାଂ ପ୍ରତ୍ୟେକ ଅହେମଦିମାନଙ୍କୁ ଏକଥା ନିଜ ସମ୍ମୁଖରେ ରଖିବା ଉଚିତ୍ । ଯଦି ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ଚେଷ୍ଟା କରିବେ ତେବେଯାଇ ଜଲ୍‌ସାରେ ଯୋଗ ଦେବା ସାର୍ଥକ ହେବ । ଯଦି ଜଲ୍‌ସାରେ ଯୋଗ ଦେବା ସତ୍ତ୍ୱେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ ହେଉ ନାହିଁ, ଚରିତ୍ରରେ ସଂସ୍କାର ହେଉ ନାହିଁ ତେବେ ଏପରି ଯୋଗଦାନକାରୀଙ୍କ ପ୍ରତି ହଜରତ ମସିହ ମଉଦ[ଅ.ସ] ଅତ୍ୟନ୍ତ ଅଶନ୍ତୋଷ (ବିତୃଷ୍ଣା) ଭାବ ପ୍ରକାଶ କରିଛନ୍ତି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହି ଜମାଅତରେ ଅନ୍ତର୍ଭୁକ୍ତ ସମସ୍ତ ନିଷ୍ପାପର ସଦସ୍ୟବୃନ୍ଦ ମନେରଖନ୍ତୁ ଏହି ବିନୀତର ବୈଅତ କରିବାରେ ଉଦ୍ଦେଶ୍ୟ ଏହିକି ଯେ, **ଏତଦ୍ ଦ୍ୱାରା ସାଂସାରିକ ମୋହମାୟା ଶୀତଳ ପଡିବ ଏବଂ ନିଜ ପରମେଶ୍ୱର ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପ୍ରେମ ହୃଦୟରେ ବଳବତ୍ତର ରହିବ ତଥା ଏପରି ଅବସ୍ଥାରେ (ଆଧ୍ୟାତ୍ମିକ ପରିବେଶ)ରେ ସଂସାର ପ୍ରତି ବୈରାଗ୍ୟ ଭାବ ଉତ୍ପନ୍ନ ହେବ ଯଦ୍ଦ୍ୱାରା (ତୁମର) ଶେଷ ଯାତ୍ରା ଘୃଣ୍ୟ ମନେହେବ ନାହିଁ ।**

ସଦେବ ସ୍ମରଣ ରଖିବେ ଯେ, ସାଂସାରିକ ସୁବିଧା ଓ ଭୋଗବିଳାଷ ଜଣେ ଅହେମଦିକୁ ଧର୍ମରୁ ମାର୍ଗଚ୍ୟୁତ କରିବାର କାରଣ ସାଜିଥାଏ । ସାଂସାରିକ କାରବାର ଅଥବା ପାରିତୋଷିକ ଜଣେ ଅହେମଦିକୁ ଅଲ୍ଲାଃତାଲାଙ୍କର କୃତଜ୍ଞକାରୀ ହେବାର କାରଣ ସାବ୍ୟସ୍ତ ହେଉ ଏବଂ ପରମେଶ୍ୱର ଓ ତାଙ୍କ ପ୍ରିୟ ଅବତାର ହଜରତ ମୁହମ୍ମଦ [ସ.ଅ]ଙ୍କ ପ୍ରତି ପ୍ରେମକୁ ଅଭିବୃଦ୍ଧି ଘଟାଉ । ଅତଏବ ନିଜ ଧର୍ମନିଷ୍ଠତାର ସ୍ତରକୁ ଉଚ୍ଚା କରିବାକୁ ଚେଷ୍ଟା କରନ୍ତୁ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅଲ୍ଲାଃତାଲା ଯେ ଏହି ଜମାଅତକୁ ସ୍ଥାପନ କରିବାର ଇଚ୍ଛା ପ୍ରକଟ କଲେ ତେବେ ଏହାର ଅଭିପ୍ରାୟ ଏହିକି ଯେ, ସେହି ପ୍ରକୃତ ତତ୍ତ୍ୱଜ୍ଞାନ ଯାହାକି ଜଗତରୁ ଉଭାନ ହୋଇଯାଇ ଥିଲା ଏବଂ ବାସ୍ତବିକ ଧର୍ମନିଷ୍ଠତା ଓ ପବିତ୍ରତା ଯାହାକି ସମ୍ପ୍ରତି ଦେଖିବାକୁ ମିଳୁ ନାହିଁ ତାହାର ପୁନଃସ୍ଥାପନ କରିବେ । ଅଧିକନ୍ତୁ ଆପଣ[ଅ.ସ] କହିଲେ; ହେ ସେ ସମସ୍ତ ଲୋକମାନେ ଯେ ନିଜକୁ ମୋ ଜମାଅତର ଗଣନା କରୁଅଛ ! ଆକାଶରେ ତୁମେ ସେତେବେଳେ ଯାଇ ମୋ ଜମାଅତର ପରିଗଣିତ ହେବ ଯେତେବେଳେ ଧର୍ମନିଷ୍ଠ ମାର୍ଗରେ ପରିଚାଳିତ ହେବ । ପୁନଶ୍ଚ କହିଲେ; ଈଶ୍ୱରଙ୍କ ଶ୍ରେଷ୍ଠତାକୁ ନିଜ ହୃଦୟରେ ସ୍ଥାନଦିଅ ଏବଂ ତାଙ୍କ ଏକଛତ୍ରବାଦୀ ହେବାର ସାକ୍ଷ୍ୟ କେବଳ ନିଜ ତୁଣ୍ଡରୁ ନୁହେଁ ବରଂ ନିଜ କାର୍ଯ୍ୟଶ୍ରେଳୀରେ ମଧ୍ୟ କରି ଦେଖାଅ **ଯଦ୍ଦ୍ୱାରା ସେହି ପରମ**

**ଦୟାମୟ ପ୍ରଭୁ ମଧ୍ୟ ବ୍ୟବହାରିକ କ୍ଷେତ୍ରରେ ନିଜ ବୈଭବ ଓ ଦୟା ତୁମ ଉପରେ ଅଜାଡ଼ି ଦେବେ ।**

ସୁତରାଂ ହଜରତ ମସିହ ମଉଦ ଅ.ସଙ୍କର ଏହି ପବିତ୍ର ନୀତିବାଣୀଗୁଡ଼ିକୁ ନିଜ ସମ୍ମୁଖରେ ରଖନ୍ତୁ, ଏହା ହିଁ ଜଲ୍‌ସାରେ ଯୋଗ ଦେବାର ପ୍ରକୃତ ଲକ୍ଷ । ସର୍ବଦା ଏହି ପ୍ରୟାସ କରନ୍ତୁ ଯେ, ମୋର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ସମ୍ପାଦିତ ହେଉ ଏବଂ ସର୍ବଦା ଏକଥା ପ୍ରତି ଯତ୍ନବାନ ଓ ନିଜ ମନମସ୍ତକରେ ଉଜ୍ଜିବିତ ରଖିବେ ଯେ, ମୋର ପ୍ରତ୍ୟେକ ହରକତ ଓ ଆଚରଣ ପ୍ରତି ପ୍ରଭୁ ଲକ୍ଷ ରଖିଛନ୍ତି ।

ବାର୍ଷିକ ଧର୍ମ ସମ୍ମିଳନୀ ଓ ପ୍ରଭୁଙ୍କ ପ୍ରଶଂସାଗାନ କରିବା ସଂକ୍ରାନ୍ତରେ ହଜରତ ମୁସଲେହ ମଉଦର.ଅ କୁହନ୍ତି; ଯେହେତୁ ଏହି ଜଲ୍‌ସା ଅଲ୍ଲାଃଙ୍କ ବୈଶିଷ୍ଟ୍ୟରେ ଅନ୍ତର୍ଭୁକ୍ତ ଏବଂ ଏହି ଜଲ୍‌ସାରେ ସାମିଲ ହେବାର ଗୋଟିଏ ଉଦ୍ଦେଶ୍ୟ ହଜରତ ମସିହ ମଉଦ ଅ.ସଙ୍କ କଥନ ଅନୁଯାୟୀ ଆଧ୍ୟାତ୍ମିକତାରେ ଉନ୍ନତି କରିବା ଏବଂ ଏହାର ବହୁତ ବଡ଼ ମାଧ୍ୟମ ଉପାସନା ଓ ଈଶ୍ୱରଙ୍କ ମହିମାଗାନ କରିବା ଅଟେ । ଏହି ପ୍ରସଙ୍ଗରେ ଅଲ୍ଲାଃତାଲା କହିଛନ୍ତି; **ଯଦି ତୁମେ ପ୍ରଭୁଙ୍କ ପ୍ରଶଂସାଗାନ କରିବ ତେବେ ସେ ମଧ୍ୟ ତୁମର ଚର୍ଚ୍ଚା କରିବେ ।** ଅତଃ ଭାଗ୍ୟବାନ ସେହିମାନେ ଯାହାର ଚର୍ଚ୍ଚା ତାହାର ସ୍ୱାମୀ, ତାହାର ମାଲିକ ଓ ତାହାର ସୃଷ୍ଟିକର୍ତ୍ତା କରିଥାନ୍ତି । ସୁତରାଂ ଏହି ବିଶେଷ ଦିନମାନଙ୍କରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ପ୍ରତ୍ୟେକଙ୍କୁ ବହୁତ ଧ୍ୟାନ ଦେବା ଉଚିତ୍ । ଏହି ପରିପ୍ରେକ୍ଷୀରେ ମୁଁ ଏକ ବିଷୟ ପ୍ରତି ଆହ୍ୱାନ ଦେବାକୁ ଚାହୁଁଛି ।

ଏହା ଜମାଅତ ଅହେମଦିୟାର ତୃତୀୟ ଖଲିଫାଙ୍କର ଏକ ଦିବ୍ୟସ୍ୱପ୍ନ ଯେଉଁଥିରେ ଜଣେ ମହାତ୍ମା ହୁଜୁର ର.ଅଙ୍କୁ କହିଲେ; ଯଦି ଜମାଅତର ପ୍ରତ୍ୟେକ ବୟୋଜ୍ୟେଷ୍ଠ ବ୍ୟକ୍ତି ୨୦୦ଥର ଦୁରୁଦ୍ ଶରିଫ୍ ସୁବ୍‌ହାନଲ୍ଲାହି ଓ ବିହମ୍‌ଦିହି ସୁବ୍‌ହାନଲ୍ଲାହିଲ୍ ଅଜିମ୍ ଅଲ୍ଲାହୁମ୍ମା ସଲ୍ଲି ଅଲା ମୁହମ୍ମଦିଉଁ ଓଆଲି ମୁହମ୍ମଦ୍ ଆବୃତ୍ତି କରିବେ, ମଧ୍ୟମ ବୟସର ଲୋକେ ୧୦୦ଥର ଏବଂ ପିଲାମାନେ ୩୩ଥର ଲେଖାଏଁ ଆବୃତ୍ତି କରନ୍ତି । ଆଉ କୁନି କୁନି ପିଲାମାନଙ୍କୁ ତାଙ୍କ ଅଭିଭାବକମାନେ ୩/୪ଥର ଲେଖାଏଁ ପାଠ କରାଇ ଦିଅନ୍ତୁ । ଏହିପରି ୧୦୦ଥର ଅସ୍ତଗ୍‌ଫାର୍ (କ୍ଷମାଯାଚନା) କରନ୍ତୁ । ଏଥିରେ ମୁଁ ଆଉ ଏକ ଜିନିଷ ମିଶାଉଛି ତାହା ଏହିକି ଯେ, ୧୦୦ଥର ରବ୍‌ବେ କୁଲ୍ଲୋ ଶୈଇନ୍ ଖାଦିମୁକା ରବ୍‌ବେ ଫାହ୍‌ଫଜ୍‌ନୀ ଓନ୍‌ସୁର୍‌ନୀ ଓର୍‌ହମ୍‌ନୀର ମଧ୍ୟ ଆବୃତ୍ତି କରିବେ । ଜମାଅତ ଅହେମଦିୟାର ତୃତୀୟ ଖଲିଫାଙ୍କୁ ସେହି ଦିବ୍ୟସ୍ୱପ୍ନରେ ଏହା ହିଁ ଦେଖା ଯାଇଥିଲା ଯେ, **ଯଦି ଏପରି କରିବ ତେବେ ତୁମେ (ପ୍ରଭୁଙ୍କ) ସୁରକ୍ଷିତ ଦୁର୍ଗରେ ପ୍ରବେଶ କରିପାରିବ ଯେଉଁସ୍ଥଳେ ଶୈତାନ କଦାପି ପ୍ରବେଶ କରିପାରି ନଥାଏ ।**

ହଜରତ ମସିହ ମଉଦଅ.ସ ଜଲ୍‌ସା (ଆୟୋଜନ କରିବା)ର ଉଦ୍ଦେଶ୍ୟ ବର୍ଣ୍ଣନା କରି କୁହନ୍ତି; ଏକତ୍ରିତ ହେଉଥିବା ସଦସ୍ୟବୃନ୍ଦ ପାରସ୍ପରିକ ସମ୍ପର୍କକୁ ମଜବୁତ୍ କରନ୍ତୁ । ଅର୍ଥାତ ଆପୋଷ ସ୍ନେହଆଦର ଓ ପରସ୍ପର ପରିଚିତ ସହିତ ହେବାକୁ ଅଭିବୃଦ୍ଧି କରନ୍ତୁ । ଅତଃ ଏହି ଦିନମାନଙ୍କରେ ପରସ୍ପର ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ଼ କରି ପରସ୍ପରର ମଙ୍ଗଳ କାମନା କରିବା ପ୍ରତି ଅତ୍ୟଧିକ ଧ୍ୟାନ ଦିଅନ୍ତୁ । ପୂର୍ବରୁ ସ୍ଥାପିତ ହୋଇଥିବା ସମ୍ପର୍କରେ ଯଦି କିଛି ମନମାଳିନ୍ୟ ସୃଷ୍ଟି ହୋଇଯାଇଥାଏ ତେବେ ତାହାକୁ ଦୂର କରିବା ପାଇଁ ପୂର୍ଣ୍ଣ ପ୍ରୟାସ କରନ୍ତୁ । ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ପାଇଁ ଫାଲତୁ କଥାବାର୍ତ୍ତାରୁ ନିବୃତ୍ତ ରୁହନ୍ତୁ । କେବଳ ବଚସା ଓ ମାଡ଼ପିଟ ନୁହେଁ ବରଂ ପୂର୍ବରୁ ଘଟିଥିବା ପାରସ୍ପରିକ ବିବାଦ ଓ ବଚସା ଯୋଗୁଁ ପରସ୍ପରକୁ (ଅନୁତାପ ପୂର୍ବକ) କ୍ଷମା ମାଗନ୍ତୁ । ବ୍ୟକ୍ତିଗତ ଗର୍ବ ଓ ଅହଂକାରର ଜାଲରୁ ମୁକ୍ତ ହୋଇଯାନ୍ତୁ । ମୋତେ ଅଭିଯୋଗ ମିଳୁଛି ଯେ, ସାମାନ୍ୟ ସାମାନ୍ୟ ବିଷୟକୁ କେନ୍ଦ୍ର କରି (ସଦସ୍ୟବୃନ୍ଦ) ପରସ୍ପରର ଗଳା ଧରି ନେଉଛନ୍ତି । ଯେଉଁଥିପାଇଁ ଜମାଅତୀୟ ବ୍ୟବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ସକାଶେ ଦଣ୍ଡ ଦେବାକୁ ପଡ଼ିଥାଏ, ଯଦ୍ୱାରା (ମୋତେ) ବହୁତ କଷ୍ଟ ମଧ୍ୟ ହୋଇଥାଏ । ଏପରି ନୁହେଁ କି ଖୁସି ମନରେ ଦଣ୍ଡ ଦେଉଛି । ସର୍ବଦା ସ୍ମରଣ ରଖିବେ ଜମାଅତର ପବିତ୍ରତାକୁ ଆମମାନଙ୍କୁ ବଜାୟ ରଖିବାକୁ

ହେବ । ଏଥିସକାଶେ ଯଦି ବ୍ୟବସ୍ଥା ଅଥବା ଉପସ୍ଥିତ ଖଲିଫା କାହାରିକୁ ଦଣ୍ଡିତ କରୁଛନ୍ତି ତେବେ ତାହା କେବଳ ଜମାଅତର ପବିତ୍ରତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ଦେଇଥାନ୍ତି । କାରଣ ଜମାଅତର ପବିତ୍ରତା ଓ ଅଖଣ୍ଡତା ସମସ୍ତ ପ୍ରକାରର ସମ୍ପର୍କ ଠାରୁ ବହୁ ଉର୍ଦ୍ଧ୍ୱରେ । ଏହି ଦୃଷ୍ଟିକୋଣରୁ କର୍ମକର୍ତ୍ତାମାନଙ୍କର ମଧ୍ୟ ଦାୟିତ୍ୱ ବେଶ ବଢ଼ି ଯାଉଛି । ଏଣୁ ସେମାନଙ୍କ ମଧ୍ୟରେ ଧୈର୍ଯ୍ୟ, ସଂଯମ ଓ ସହନଶୀଳତା ଢ଼େର ଅଧିକ ହେବା ଉଚିତ୍ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ତୁମେମାନେ ଅନ୍ତରରୁ ଅଭାବି ପାଲଟି ଯାଅ । ସାଧାରଣ ଅବସ୍ଥାରେ ମାନବ ଜାତି ସହିତ ସହାନୁଭୂତି ପ୍ରଦର୍ଶନ କର ଯେତେବେଳେ କି ତୁମେ ତାଙ୍କୁ ସ୍ୱର୍ଗପ୍ରାପ୍ତି ହେବା ନିମନ୍ତେ ଉପଦେଶ ଓ ପ୍ରବଚନ ଦେଉଛ । ଆପଣ[ଅ.ସ] ଅଧିକନ୍ତୁ କହିଲେ; ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସ୍ୱଇଚ୍ଛା ଓ ଖୁସିମନର ସହିତ ସମ୍ପାଦନ କର । କାରଣ ତୁମେ ତାଙ୍କ ଦ୍ୱାରା ପଚରାଯିବ, ନମାଜରେ ବହୁତ ଦୁଆ କର ଯଦ୍ୱାରା ପ୍ରଭୁ ତୁମକୁ ନିଜ ଆଡ଼କୁ ଆକର୍ଷିତ କରିବେ ଏବଂ ସେ ତୁମ ବକ୍ଷଃକୁ ପରିଷ୍କାର କରିବେ । ଆପଣ[ଅ.ସ] କହିଲେ; ଯେପର୍ଯ୍ୟନ୍ତ ମନୁଷ୍ୟ ପରମେଶ୍ୱରଙ୍କ ନିକଟରୁ ସାହାଯ୍ୟ ଓ ସାମର୍ଥ୍ୟ ଲଭି ନାହିଁ ସ୍ୱୟଂ କୌଣସି ଅପକର୍ମରୁ ଦୂରେଇ ରହିବାକୁ ସମର୍ଥ ହୋଇପାରି ନଥାଏ । ସୁତରାଂ ଏହା ସେହି ଶୋପାନ ଯାହାକି ଯୁଗାବତାର ହଜରତ ମସିହ ମଉଦ[ଅ.ସ] ବର୍ଣ୍ଣନା କରିଛନ୍ତି । ତାହାକୁ ଆମମାନଙ୍କ ଅଭ୍ୟନ୍ତରରେ ଉତ୍ପନ୍ନ କରିବା ଉଚିତ୍ । ଯଦି ଆପଣମାନେ ଚରିତ୍ରବାନ ହୋଇଯିବେ ତେବେ ଏଠାକୁ ଆସୁଥିବା ଅତିଥିମାନେ ମଧ୍ୟ ଆପଣମାନଙ୍କ ଠାରୁ  ସକାରାତ୍ମକ ପ୍ରଭାବ ନେଇ ଫେରିବେ । ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଏକ ନିରବ ଧର୍ମପ୍ରଚାର (କରିବା) ସଦୃଶ କାର୍ଯ୍ୟ ।

ଦେଖ ହଜରତ ମସିହ ମଉଦ[ଅ.ସ] କିପରି ବ୍ୟାକୁଳ ଓ ବେଦନା ପୂର୍ଣ୍ଣତା ସହିତ ନିଜ ଜମାଅତ ପାଇଁ ଦୁଆ କରିଛନ୍ତି । ଏହାର ଏକ ଦୃଷ୍ଟାନ୍ତ ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଅଛି । ଆପଣ[ଅ.ସ] କୁହନ୍ତି; ମୁଁ ଦୁଆ କରୁଅଛି ଓ ଯେପର୍ଯ୍ୟନ୍ତ ଏହି ନଶ୍ୱର ଶରୀରରେ ପ୍ରାଣ ବାକି ରହିଥିବ (ମୁଁ) ଦୁଆ କରୁଥିବି ଏବଂ ସେହି ଦୁଆ ଏହିକି ଯେ, ଐଶ୍ୱର୍ଯ୍ୟମୟ ପ୍ରଭୁ ମୋ ଜମାଅତର ଲୋକମାନଙ୍କ ହୃଦୟକୁ ପବିତ୍ର କରନ୍ତୁ ତଥା ନିଜ ଦୟାର ହସ୍ତକୁ ପ୍ରଶସ୍ତ କରି ସେମାନଙ୍କ ହୃଦୟକୁ ନିଜ ଆଡ଼କୁ ଆକର୍ଷିତ କରନ୍ତୁ । ସେମାନଙ୍କ ଅନ୍ତରରୁ ସକଳ ଦୁଷ୍ଟାମି, ଦ୍ୱେଷ ଓ କୁଟିଳତା ଦୂରିଭୂତ କରି ପରସ୍ପର ମଧ୍ୟରେ ପ୍ରେମାନୁରାଗ ଉତ୍ପନ୍ନ କରିଦିଅନ୍ତୁ ।

ଅଲ୍ଲାଃତାଲା କରନ୍ତୁ ଏହି ଜଲ୍‌ସା ପ୍ରତ୍ୟେକ ଦୃଷ୍ଟିରୁ ମଙ୍ଗଳପ୍ରଦ ସାବ୍ୟସ୍ତ ହେଉ । ବିଶ୍ୱର ଉକ୍ରଟ ପରିସ୍ଥିତି ପାଇଁ ମଧ୍ୟ ଦୁଆ କରିବେ, ଯେତେବେଳେ ଆମେ ନିଷ୍ପାପର ଭାବରେ ପ୍ରଭୁଙ୍କ ଆଦେଶ ପାଳନ କରିବା, ଇସଲାମୀୟ ନୀତିଶିକ୍ଷା ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ବାଣୀ ତଥା ହଜରତ ମସିହ ମଉଦ [ଅ.ସ]ଙ୍କ ବହୁମୂଲ୍ୟ ଉପଦେଶାବଳୀ ମୁତାବକ କାର୍ଯ୍ୟ କରିବା ତେବେ ସୁନିଶ୍ଚିତ ରୂପେ ଅଲ୍ଲାଃତାଲା ଆମମାନଙ୍କ ଦୁଆ ଗ୍ରହଣ କରିବେ ଏବଂ ଆମେ ସଂସାରବାସୀଙ୍କ ମାର୍ଗଦର୍ଶନ କରିବାର ମାଧ୍ୟମ ହୋଇପାରିବା ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।